text of the time

# ଶୈଳେନ୍ଦ୍ର ଦ୍ୱିବେଦୀ

ଶୈଳେନ୍ଦ୍ରଙ୍କ ପ୍ରବନ୍ଧ କ୍ଷୁଦ୍ରଗଳ୍ପ ପରି ଲାଗେ ଏବଂ ଏକା ନିଃଶ୍ୱାସକେ ପଢ଼ି ହୋଇଯାଏ.
'ପ୍ରମେୟ'

# ଅନ୍ତରୀକ୍ଷର ଆଖି



# ଭୋକର ଭୂଗୋଳ, ଅର୍ଥନୀତିର ନଗଡ଼ାକରଣ

ଦେଶ ସ୍ୱାଧୀନ ହେବାର ୬୮ ବର୍ଷ ପରେ ପାହାଡ଼ ଉପର ଏକ ଗାଁରେ (ରାଜ୍ୟ ରାଜଧାନୀଠୁ ଖୁବ୍ ଦୂର ନୁହେଁ ଏବଂ ସମୃଦ୍ଧ କଳିଙ୍ଗନଗର ଶିଳ୍ପାଞ୍ଚଳ ପାଖାପାଖି) ପ୍ରାଚୀନ ପ୍ରସ୍ତର ଯୁଗ ପ୍ରାୟ ଚଳଣିର ଆବିଷ୍କାର। ୪ ମାସରେ ୧୯ ଶିଶୁଙ୍କ ମୃତ୍ୟୁ-ମାତ୍ରାଧିକ ପୁଷ୍ଟିହୀନତା କାରଣରୁ। ଝିଅକୁ ଯେଉଁଠି ବୟସ ୧୪ ଡେଇଁଲେ ବୁଢ଼ୀର ଆଖ୍ୟା, ଅର୍ଥାତ୍ କିଶୋରୀ ବିବାହ। ବିବାହର ୧୫/୧୬ ବର୍ଷ ଭିତରେ (ଜଣେ ମହିଳାଙ୍କୁ ୩୦ ବର୍ଷ ହେବା ଆଗରୁ) ସେ ଜେଜେମା'। ଆଧୁନିକ ଚିକିତ୍ସାକୁ ଉପହାସ-ରୋଗାକ୍ରାନ୍ତ, କଙ୍କାଳସାର ଶିଶୁମାନଙ୍କ ପାଇଁ ଜଡ଼ିବୁଟି ଓ ବୈଦ୍ୟ ହିଁ ଭରସା। ଡାଲି, ତେଲ ସହିତ ପରିଚୟର ଅଭାବ। ବାହ୍ୟ ଜଗତ ସହିତ ଅସଂପୃକ୍ତ ଜୀବନ-ଏହା ହିଁ ନଗଡ଼ାର କାହାଣୀ। ତେବେ ନଗଡ଼ା ଏକ ବ୍ୟତିକ୍ରମ ନୁହେଁ। ପରେ ପରେ ଚର୍ଚ୍ଚାକୁ ଆସିଛି ମହାକାଳପଡ଼ାର ଲୁଣିମାଟିଆ ଏବଂ ନବରଙ୍ଗପୁରରେ ଶିଶୁ ମଡ଼କ। ଖବର ଅନୁଯାୟୀ, ଜାନୁଆରୀରୁ ଜୁନ୍ ମାସ ମଧ୍ୟରେ ଅପପୁଷ୍ଟିର ଶିକାର ହୋଇ ଜିଲ୍ଲାରେ ୩୫୫ ଶିଶୁ ମୃତ୍ୟୁବରଣ କରିଛନ୍ତି, ଯେଉଁମାନଙ୍କ ବୟସ ୦ରୁ ୧ ବର୍ଷ ଭିତରେ। ନିକଟରେ ଜଣେ ସମାଜକର୍ମୀ ଲେଖିଛନ୍ତି, ନଗଡ଼ା ଘଟଣା ୩୦ ବର୍ଷ ତଳର ଅମଲାପାଲିର ଫାନସ୍ ପୁଞ୍ଜିଙ୍କ କଥା ମନେ ପକାଇ ଦେଉଛି। ପାଠକମାନଙ୍କୁ ସ୍ମରଣ କରାଇ ଦେଉଛି ଯେ ସମ୍ବାଦପତ୍ରରେ ସେତେବେଳେ ଖବର ପ୍ରକାଶ ପାଇଥିଲା-ଉତ୍କଟ ଦାରିଦ୍ର୍ୟ/ଖାଦ୍ୟାଭାବ ଯୋଗୁଁ ପୁଞ୍ଜି ତାଙ୍କ ନଣନ୍ଦଙ୍କୁ ଟେକି ଦେଇଥିଲେ ଅନ୍ୟ ଏକ ଗାଁର ଜଣେ ଦୃଷ୍ଟିହୀନଙ୍କ ହାତରେ। କଳାହାଣ୍ଡିର ଅମଲାପାଲି ଆନ୍ତର୍ଜାତିକ ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରିଥିଲା ଏବଂ ମନେ ହୋଇଥିଲା 'ଦାରିଦ୍ର୍ୟ ପର୍ଯ୍ୟଟନ' ଏକ ନୂଆ ଉପବିଭାଗ ହୋଇ ଯୋଡ଼ା ହେବ ରାଜ୍ୟ ପର୍ଯ୍ୟଟନରେ। ଆଉ ବିଡ଼ମ୍ବନା ହେଉଛି, ୩୦ ବର୍ଷ ତଳର ଏ ଦୃଶ୍ୟ ରାଜ୍ୟରୁ ଅପସରି ଯିବାର ନାଁ ଧରୁନାହିଁ।

ଆଲୋଚନାରେ ସାମାନ୍ୟ ଆଗକୁ ଯିବା ପୂର୍ବରୁ ସୂଚାଇ ଦିଏ ଯେ ୨୦୧୧ ଜନଗଣନା ତଥ୍ୟ ଆଧାରରେ ଓଡ଼ିଶାର ଜନସଂଖ୍ୟା ୪,୧୯,୪୭,୩୫୮ । ଯଦିଓ ସରକାରୀ ତଥ୍ୟ ମୁତାବକ ଆମ ରାଜ୍ୟ ଜନସଂଖ୍ୟାର ୩୨.୫% ଦାରିଦ୍ର୍ୟ ସୀମାରେଖା ତଳେ, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ଅନୁଯାୟୀ ଅନ୍ୟୁନ ୭୭.୮% ଅର୍ଥାତ୍ ୩,୨୬,୪୧,୨୫୦ ଲୋକଙ୍କର ଖାଦ୍ୟ ନିରାପତ୍ତା ନାହିଁ । ଏମାନଙ୍କ ପାଇଁ ପଡ଼ିକାର୍ଡ୍ ଯୋଗାଇବା ସରକାରଙ୍କ ଲକ୍ଷ୍ୟ । ରାଜ୍ୟ ଜନସଂଖ୍ୟାର ୪୦% ଅନୁସୂଚିତ ଜାତି ଓ ଜନଜାତି, ଯେଉଁମାନଙ୍କ ମଧ୍ୟରୁ ଅନ୍ତତଃ ୯୦% ଅତି ଦରିଦ୍ର ଏବଂ ସ୍ୱତନ୍ତ୍ର ସହାୟତାର ଅପେକ୍ଷା ରଖନ୍ତି । ଗତବର୍ଷ ପ୍ରକାଶ ପାଇଥିବା ସାମାଜିକ-ଅର୍ଥନୈତିକ ଜନଗଣନା-୨୦୧୧ ତଥ୍ୟ ମୁତାବକ ଓଡ଼ିଶାର ମୋଟ ୮୬,୨୨,୮୨୭ ଗ୍ରାମୀଣ ପରିବାରର ୮୮ ପ୍ରତିଶତ ମାସକୁ ୫ ହଜାର ଟଙ୍କାରୁ କମ୍ ଆୟରେ ଚଳନ୍ତି । ୨୭.୨୮% ପରିବାର ବଖରାଏ ଘରେ ଚଳନ୍ତି ଏବଂ ୩୬.୧୯% ଭୂମିହୀନ । ଅନ୍ୟ ଅର୍ଥରେ, ଆମ ଜନସଂଖ୍ୟାର ସିଂହଭାଗ ସର୍ବନିମ୍ନ ସୁବିଧା ସୁଯୋଗରୁ ବଞ୍ଚିତ ହୋଇ ରହିଛନ୍ତି । ନିଜ ରାଜ୍ୟର ଛବିକୁ ଆପଣ ଚିହ୍ନନ୍ତୁ ।

ଏବେ ସାମାନ୍ୟ ବିସ୍ତାରରେ ଆସିବା ଅର୍ଥନୈତିକ ବୈଷମ୍ୟ ସମ୍ପର୍କିତ ଆଲୋଚନାକୁ । ତଥ୍ୟ/ଅଧ୍ୟୟନ ମୁତାବକ ଭାରତର ସର୍ବାଧିକ ୧୦% ଧନୀ ସର୍ବାଧିକ ଗରିବ ୧୦%ଙ୍କ ତୁଳନାରେ ଆୟ କରୁଛନ୍ତି ୧୨ ଗୁଣ ଅଧିକ ଯାହା ପ୍ରାକ୍-ଉଦାରୀକରଣ ସମୟଠୁ ୬% ଅଧିକ । ଆଉ ଦେଶର ସର୍ବାଧିକ ଧନୀଙ୍କ (୧%) ନିକଟରେ ଅଛି ଆମ ଜାତୀୟ ଆୟର ୧୦% । ବିଡ଼ମ୍ବନାକୁ ପାଠକେ ଧ୍ୟାନ ଦିଅନ୍ତୁ । ଧାରାବାହିକ ଜନହିତକର ଯୋଜନା, ଖାଦ୍ୟ ନିରାପତ୍ତା ଏବଂ ପରିପୂରକ ପୁଷ୍ଟି ପାଇଁ ଯଥେଷ୍ଟ କାର୍ଯ୍ୟକ୍ରମ ଉପରାନ୍ତ ଭାରତରେ ଜନ୍ମ ହେଉଥିବା ଅନ୍ତତଃ ୨୮% ଶିଶୁ ସ୍ୱାଭାବିକ ଓଜନଠୁ କମ୍ ଓଜନର । ୫ ବର୍ଷରୁ କମ୍ ୪୮% ଶିଶୁ ପୁଷ୍ଟିହୀନତା ଏବଂ ଷ୍ଟଣ୍ଟିଂ (ବୟସ ଅନୁପାତରେ କମ୍ ଉଚ୍ଚତା)ର ଶିକାର, ମାତୃ ମୃତ୍ୟୁହାର (ପ୍ରତି ଏକଲକ୍ଷରେ) ୧୪୦ (ଓଡ଼ିଶା : ୨୨୨) ଓ ଶିଶୁ ମୃତ୍ୟୁହାର ୪୦ (ପ୍ରତି ଏକ ହଜାରରେ) ଯାହା ଓଡ଼ିଶା କ୍ଷେତ୍ରରେ ୫୧ । ପାଖାପାଖି ବର୍ଷକ ତଳେ ରାଜ୍ୟ ସରକାର ଘୋଷଣା କରିଥିଲେ, ଦୁର୍ଗମ ଅଞ୍ଚଳରେ ମାତୃ ଓ ଶିଶୁ ମୃତ୍ୟୁହାର ହ୍ରାସ କରିବା ପାଇଁ ବାର୍ଷିକ ଅତିରିକ୍ତ ୫୦ କୋଟି ଟଙ୍କା ଖର୍ଚ୍ଚ ହେବ । ଅର୍ଥଶାସ୍ତ୍ରୀମାନଙ୍କ ମତ ଯେ ଆମ ବିକାଶ ଅନ୍ତର୍ଭୁକ୍ତୀ ନହୋଇ ବରଂ ଅର୍ଥନୈତିକ ବୈଷମ୍ୟକୁ ବହୁଗୁଣିତ କରିଛି । ଉଦାରୀକରଣ ଉପରାନ୍ତ ବୈଷମ୍ୟ ତେଜିଛି । ପରୋକ୍ଷରେ ଏହା ସ୍ପଷ୍ଟ କରୁଛି

ଯେ ଅସମାନତାର ବୋଝ କେବଳ ଯାଇଛି ଗରିବମାନଙ୍କ ମୁଣ୍ଡକୁ । ଉତ୍ତର ଉଦାରୀକରଣ ଲଗ୍ନରେ ଧନୀରୁ ଲୋକେ ଅତି ଧନୀ ହୋଇଛନ୍ତି ଏବଂ ଗରିବରୁ ଅତି ଗରିବ ପାଲଟିଛନ୍ତି । ଆଉ ପରିବର୍ତ୍ତିତ ସ୍ଥିତିରେ ଜଳବାୟୁ ପରିବର୍ତ୍ତନ, ପର୍ଯ୍ୟାବରଣ ଏବଂ ଜଳ ସଙ୍କଟକୁ ଯେତିକି ଗୁରୁତ୍ୱ ଦିଆଯାଉଛି, ସମାନ ଗୁରୁତ୍ୱ ଦିଆଯାଉଛି ଅର୍ଥନୈତିକ ବୈଷମ୍ୟକୁ ।

ପର୍ଯ୍ୟବେକ୍ଷକମାନଙ୍କ ମତ, ଉଦାରୀକରଣ ଆମ ଗଣଜୀବନକୁ ଏଇଥିପାଇଁ ଫର୍ଦ୍ଦା କରି ପାରିନାହିଁ, କାରଣ ସମ୍ପଦର ନିଜସ୍ୱ ଅଭିବୃଦ୍ଧି ତତ୍ତ୍ୱ ପରି ଦାରିଦ୍ର୍ୟର ବି ଆପଣା ତତ୍ତ୍ୱ/ଦର୍ଶନ ରହିଛି । ଯା ମୂଳରେ କେବଳ ଜଗତୀକରଣର ତଥାକଥିତ କୁପ୍ରଭାବ ନାହିଁ, ବରଂ ରହିଛି ଏକାଧିକ ଐତିହାସିକ-ସାମାଜିକ କାରଣ: ଯଥା ଜାତିପ୍ରଥା, ଭୂସଂସ୍କାରର ଅଭାବ, ଗ୍ରାମାଞ୍ଚଳର ଦୁର୍ବଳ ଭିତ୍ତିଭୂମି, ନିରକ୍ଷରତା/ଶିକ୍ଷାର ଅଭାବ ଏବଂ ସର୍ବୋପରି ଆମର ଅଦୂରଦର୍ଶୀ ଆର୍ଥିକ ପରିଚାଳନା । ତେବେ ବୈଷମ୍ୟ କେବଳ ଯେ ଭାରତରେ ରହିଛି, ଏକଥା ବି ନୁହେଁ । ପୃଥିବୀର ସବୁଠୁ ଧନଶାଳୀ ୧%ଙ୍କ ପାଖରେ ରହିଛି ଯାର ମୋଟ୍ ସମ୍ପଦର ୯୯ ଭାଗ । ସେତିକି ପର୍ଯ୍ୟାପ୍ତ ନୁହେଁ, କାରଣ ଅତି ଧନଶାଳୀ ମାତ୍ର ୦.୧%ଙ୍କ ପାଖରେ ମହଜୁଦ୍ ସମ୍ପତ୍ତି ଶେଷ ୯୦ ଭାଗଙ୍କ ନିକଟରେ ଥିବା ସମ୍ପତ୍ତିଠୁ ଅଧିକ । ଆମ ଅଲକ୍ଷ୍ୟରେ ଏବଂ ଜ୍ଞାତସାରରେ ଏକ ପ୍ରକାଣ୍ଡ ଅସମାନ ପୃଥିବୀର ନିର୍ମାଣ ହୋଇ ସାରିଛି । ଏକ ବିକାଶଶୀଳ ଅର୍ଥନୀତି ଭାବରେ ଭରତରେ ମୁଣ୍ଡପିଛା ଖର୍ଚ୍ଚବାସ୍ତବିକ ଚିନ୍ତାଜନକ । ଆମକୁ ଏଠି ମନେ ରଖିବା ପାଇଁ ପଡ଼ିବ ଯେ ଦାରିଦ୍ର୍ୟ ଦୂରୀକରଣ ଓ ଜନକଲ୍ୟାଣ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ଦ୍ୱାରା ଦିଆ ଯାଉଥିବା ସବ୍‌ସିଡି / ରିହାତି/ ଛାଡ଼ ସ୍ୱାଧୀନତା ପରଠୁ ଅବ୍ୟାହତ ରହିଛି । ତଥାପି ପଡ଼ୋଶୀ ଚୀନ୍ ତୁଳନାରେ ଆମ ସ୍ଥିତି ଖରାପ । ଆଉ ଗୋଟିଏ ମତ ଯେ ଅର୍ଥନୈତିକ ଅସମାନତାକୁ ସମ୍ପ୍ରସାରିତ କରିବା ମୂଳରେ ରହିଛି ଜନସଂଖ୍ୟା ବୃଦ୍ଧି, ନିଯୁକ୍ତି ଉଦ୍ଦେଶ୍ୟରେ ସ୍ଥାନାନ୍ତରଣ, ପାରିବା ଲୋକେ ଆଇନ୍ କାନୁନ୍‌କୁ ଉଲ୍ଲଂଘନ କରିବା ନେଇ ବ୍ୟବସ୍ଥାର ପରୋକ୍ଷ ପ୍ରୋତ୍ସାହନ ଏବଂ ରାଜନୈତିକ ଆଗ୍ରହର ଅଭାବ । ଭାରତରେ ଅଧିକ ଆୟ କରୁଥିବା ବର୍ଗକୁ ଆହୁରି ଆଗକୁ ଯାଇ ଅଧିକ ରୋଜଗାର କରିବା ପାଇଁ ସୁଯୋଗ ତ ମିଳୁଛି, କିନ୍ତୁ ସେଇ ଅନୁପାତରେ ସୁଯୋଗ ଗରିବଙ୍କ ପାଖରେ ନାହିଁ । ଅନେକ ସମୟରେ ମଧ୍ୟ ବର୍ଗଙ୍କ ପାଖରେ ମଧ୍ୟ ନାହିଁ । କେତେବର୍ଷ ହେଲାଣି ଆମକୁ ଲାଗୁଛି, ରାସ୍ତା ପରିଷ୍କାର

ହୋଇଗଲାଣି- ଆଗକୁ ବଢ଼ିବା ପାଇଁ କେବଳ ଅଧ୍ୟବସାୟ ଓ ଆଗ୍ରହ ଲୋଡ଼ା- ଯାହା କିନ୍ତୁ ସମ୍ପୂର୍ଣ୍ଣ ସତ୍ୟ ନୁହେଁ। ବରଂ ନିରାଟ ସତ ହେଉଛି, ଗରିବମାନଙ୍କ ପାଇଁ ଉଦ୍ଦିଷ୍ଟ ଅନେକ ଯୋଜନାର ସୁଫଳ ସ୍ୱଚ୍ଛଳମାନେ ହିଁ ପାଉଛନ୍ତି।

ଚାଷ ପାଇଁ ଋଣ ବ୍ୟବସ୍ଥା ବ୍ୟାଙ୍କ୍‌ମାନଙ୍କ ପାଖରେ ଅଛି, ସବ୍‌ସିଡି ଅଛି, ଅଥଚ କୃଷି ଋଣର ସିଂହଭାଗ ସବୁବେଳେ ହାତେଇ ନେଇଛନ୍ତି ବଡ଼ଚାଷୀ। ଛୋଟ/ନାମକୁ ମାତ୍ର ଚାଷୀ ସରକାରଙ୍କ ବିଜ୍ଞାପନରେ ସନ୍ତୁଷ୍ଟ; ଆତ୍ମହତ୍ୟାରେ ସନ୍ତୁଷ୍ଟ (!)। କୁହାଯାଉଛି, ଜଗତୀକରଣକୁ ଉଦାର ହୃଦୟରେ ଆପଣେଇବା ନାଁରେ ଭାରତରେ ଯାହା ଘଟିଛି, ତାହା ହେଉଛି ପୁଞ୍ଜିବାଦର ମୁକ୍ତ ପୃଷ୍ଠପୋଷକତା; କ୍ରୋନି କ୍ୟାପିଟାଲିଜ୍‌ମ୍‌ର ବିକାଶ। ଆଉ ଆମର ଦୁର୍ଭାଗ୍ୟ ଯେ ଜନଜୀବନରେ ପରିତ୍ରାଣ ଆଣିବା ପାଇଁ ରାଜନୀତିର ମଙ୍ଗ ଯେଉଁମାନେ ଧରିଛନ୍ତି, ସେମାନେ ହୃଦୟର ସହିତ ଏକଥା ଚିନ୍ତା କରିବା ପାଇଁ ପ୍ରସ୍ତୁତ ନୁହନ୍ତି। ଆଉ ଯେଉଁମାନେ ଶିଡ଼ିର ତଳ ପାହାଚରେ ଠିଆ ହୋଇଛନ୍ତି, ଯେଉଁମାନେ ଅସଂଗଠିତ, ଯେଉଁମାନେ ଏଇ ଅଭାବନୀୟ ଉପେକ୍ଷା ବିରୋଧରେ ସ୍ୱର ଉତ୍ତୋଳନ କରିବା କଥା, ସେମାନେ ପରିସ୍ଥିତି ଚାପରେ ଏମିତି ବିଭାଜିତ/ବିଖଣ୍ଡିତ ଓ ଦୁର୍ବଳ ଯେ ସେମାନଙ୍କ ପ୍ରତିବାଦର ସ୍ୱର ଦୀର୍ଘସ୍ଥାୟୀ କି ପ୍ରଭାବଶାଳୀ ନୁହେଁ। ପ୍ରତିବାଦ ଦାନା ବାନ୍ଧିବା ଆଗରୁ ଯାର ଯୋଜନାବଦ୍ଧ ହତ୍ୟା ମଧ୍ୟ ଆମରି ଶାସନ-ତନ୍ତ୍ରର ଭିଆଣ। ପାଠକେ, ଗୋଟିଏ ଯୋଡ଼ିଏ ନଗଡ଼ା ନୁହେଁ, ସାରା ଭାରତରେ ଅନ୍ତତଃ କେତେ ଶହ ନଗଡ଼ା ଖୁବ୍ ବାସ୍ତବ ହୋଇ ରହିଛି। ଅର୍ଥଶାସ୍ତ୍ରୀମାନଙ୍କ ବିଚାର, ଯଦି ଏଇ ଦୟନୀୟ ସ୍ଥିତି ଆଗକୁ ଜାରି ରହେ, ତେବେ ଆମ ଜି.ଡି.ପି. ଗଣିତର ବିଲକୁଲ୍ କିଛି ଅର୍ଥ ରହିବ ନାହିଁ। ପାଠକମାନଙ୍କୁ ସ୍ମରଣ କରାଇ ଦିଏ ଯେ, ରିଜର୍ଭ ବ୍ୟାଙ୍କ୍ ଗଭର୍ଣ୍ଣର ଶ୍ରୀ ରାଜନ୍ ନିକଟରେ କହିଥିଲେ, ସବୁ ଭାରତୀୟଙ୍କ ମୁହଁରେ ହସ ଫୁଟେଇବା ପାଇଁ ଆମକୁ ଯଥେଷ୍ଟ ଅଧିକ କରିବା ପାଇଁ ପଡ଼ିବ। ଆତ୍ମସନ୍ତୋଷର ଦିନ ଆସିନାହିଁ। ଅସମାନତା ବାବଦରେ ଆଉ ଏକ ମତ ମଧ୍ୟ ରହିଛି, ଯାହା ଦକ୍ଷିଣପନ୍ଥୀମାନଙ୍କ ମତ। ସେମାନଙ୍କ କହିବା କଥା- ଧନୀମାନଙ୍କୁ ନିରୁତ୍ସାହିତ କଲେ ପୁଞ୍ଜିନିବେଶ/ଶିଳ୍ପାୟନ ବ୍ୟାହତ ହେବ ଓ ଗରିବମାନେ ଅଳସୁଆ ହେବେ, ଯାହା ଅର୍ଥନୀତି ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ। ତେବେ ଏହା ଆଉ ପ୍ରମୁଖ ମତ ନୁହେଁ । ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ସମେତ ଅନ୍ୟାନ୍ୟ ପ୍ରମୁଖ ସଂସ୍ଥାମାନଙ୍କ ମତ ହେଉଛି, ସମ୍ପଦର ପୁନଃବଣ୍ଟନ ନହେବା କେବଳ 'ଅନୈତିକ' ନୁହେଁ, ବରଂ କୌଣସି ଏକ ଅର୍ଥନୀତି ନିମନ୍ତେ 'ଅସୁସ୍ଥ' ପରମ୍ପରା।

ପାଠକମାନଙ୍କ ପାଇଁ ସ୍ପଷ୍ଟ କରୁଛି, ଦ୍ୱିତୀୟ ବିଶ୍ୱଯୁଦ୍ଧ ଆଗରୁ ସାରା ପୃଥିବୀରେ ବୈଷମ୍ୟ ଉଗ୍ର ହୋଇ ରହିଥିଲା । ସେତେବେଳେ ଅର୍ଥଶାସ୍ତ୍ରୀମାନଙ୍କର ଧାରଣା ଥିଲା, ଅର୍ଥନୀତିରେ ଅଭିବୃଦ୍ଧି ସକ୍ରିୟ ରହିଲେ ବୈଷମ୍ୟ କ୍ରମଶଃ ଅପସରି ଯିବ । ପ୍ରାକ୍-ଶିଳ୍ପ ବିପ୍ଳବ ସମୟରୁ ଶିଳ୍ପ ବିପ୍ଳବରେ ପ୍ରବେଶ ପରେ ଯେଉଁ ବୈଷମ୍ୟ ଉପସ୍ଥିତ ଥିଲା, ତାହା କେତେବର୍ଷ ସ୍ଥିର ରହିବା ଉତ୍ତାରୁ ପରବର୍ତ୍ତୀ ସମୟରେ ହ୍ରାସ ପାଇଥିଲା । ଆଶା ଥିଲା, ଭାରତ ପରି ଅର୍ଥନୀତିରେ ଏଇ ପରିବର୍ତ୍ତନ କିଛିଟା ବିଳମ୍ବରେ ହେଲେ ବି ଆସିବ । ଅର୍ଥାତ୍, ବୈଷମ୍ୟର ହ୍ରାସ ପ୍ରାୟତଃ ଆନୁପାତିକ ହେବ ଅର୍ଥନୈତିକ ଅଭିବୃଦ୍ଧି ସହିତ । ୧୯୫୫ରେ ହୋଇଥିବା ଏଇ ଭବିଷ୍ୟବାଣୀ କିନ୍ତୁ ସତ୍ୟରେ ପରିଣତ ହୋଇ ପାରିନଥିଲା । ଯୁକ୍ତରାଷ୍ଟ୍ର ପରି ବିକଶିତ ଏବଂ ଭାରତ ପରି ବିକାଶଶୀଳ ଅର୍ଥନୀତିରେ ବୈଷମ୍ୟର ସ୍ଥିତି ଏଇ ସମୟ ଭିତରେ ସମ୍ଭବତଃ ଅଧିକ ବିମର୍ଷକର ପାଲଟିଛି । ଯାହା ଏଇ ଅବଧି ଓ କ୍ରମରେ ସମ୍ଭବ ହୋଇଛି, ତାହା ହେଉଛି- ଗୋଟାଏ ନୂଆ ପ୍ରଜାତିର ଉପନିବେଶବାଦ ।

ପର୍ଯ୍ୟବେକ୍ଷକମାନଙ୍କ ମତ, ଏବେ ଅସଲ ସ୍ଥିତିକୁ ଠିକ୍ ଠିକ୍ ଆକଳନ କରିବାର ସମୟ ଆସିଛି । କେବଳ ଯୋଜନାର ସଂଶୋଧନ ନୁହେଁ, ଯାର ରୂପାୟନକୁ ଗୁରୁତ୍ୱ ଦେବାକୁ ହେବ । ଏକଥା ନୁହେଁ ଯେ ପ୍ରତିଯୋଗିତା ରହିବ ନାହିଁ, ତେବେ ସମସ୍ତଙ୍କ ପାଇଁ ସୁଯୋଗର ଭୂମି ରହିବ । ସମ୍ପଦର ପୁନଃବଣ୍ଟନ ବୈଷମ୍ୟର ଏକମାତ୍ର ଉତ୍ତର ମଧ୍ୟ ନୁହେଁ, କାରଣ କେବଳ ଉପାର୍ଜନ ବୃଦ୍ଧି ସବୁ ସମସ୍ୟାର ସମାଧାନ ଆଣି ପାରିବ ନାହିଁ । ଏକ ଦୀର୍ଘ ସମୟଖଣ୍ଡ, ପିଢ଼ି ପିଢ଼ି ଧରି ତିଷ୍ଠି ରହିଥିବା ବୈଷମ୍ୟକୁ ନେଇ ଆପଣାର ଅଜବ ଅଭିଧାନ ଲେଖି ସାରିଛି । ଭୋକ ଆତ୍ମାକୁ କୋଉ କାଳୁ ହତ୍ୟା କରି ସାରିଲାଣି । ଦୁର୍ଭାଗ୍ୟର ଇମାରତ୍ ତଳେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗୁଣାତ୍ମକ ଜୀବନ ଚାପି ହୋଇ ରହିଛନ୍ତି । ସେଥିପାଇଁ ଥରେ ଥରେ ମନେ ହେଉଛି, ଅସୂର୍ଯ୍ୟ ଉପନିବେଶରୁ ଯେମିତି ମୁକ୍ତି ନାହିଁ । ଆପଣ ନଗଡ଼ାର ଉଦାହରଣ ନେଇ ପାରନ୍ତି, ଯେଉଁଠି ପ୍ରଶାସନ ପୁଷ୍ଟିହୀନତା ଭୋଗୁଥିବା ଶିଶୁମାନଙ୍କୁ ପୁଷ୍ଟି ସାଧନ କେନ୍ଦ୍ରରେ ଦାଖଲ କରିବା ପରେ ସେମାନଙ୍କ ବାପାମା' ସେମାନଙ୍କୁ ନେଇ ଯାଉଛନ୍ତି । ଦୀର୍ଘ ଅବହେଳା ସେମାନଙ୍କୁ ଅସାଡ଼ କରି ସାରିଛି । ପ୍ରଶାସନ ଉପରୁ ସେମାନେ ଆସ୍ଥା ତୁଟେଇ ସାରିଛନ୍ତି । ଅନ୍ଧବିଶ୍ୱାସ ଓ ଅଭାବ ଅଭ୍ୟାସରେ ପରିଣତ ହୋଇସାରିଛି । ଡାକ୍ତରଖାନାରେ/ପୁଷ୍ଟି ସାଧନ କେନ୍ଦ୍ରରେ ତେଣୁ ଗୁଣିଆ ପହଞ୍ଚୁଛି; ଅସୁସ୍ଥ ଶିଶୁଙ୍କୁ ଚେରମୂଳି ଦେଇ ଗାଁ ବୈଦ୍ୟ/ଓଝା ଭଲ କରିଦେବ ବୋଲି ପ୍ରତିଶ୍ରୁତି ଦେଉଛି । ଆମକୁ ମୌଳିକ ସୁବିଧାସୁଯୋଗ

ସଭିଙ୍କ ପାଖରେ ପହଞ୍ଚାଇବା ପାଇଁ ପଡ଼ିବ (ଶିକ୍ଷା, ସ୍ୱାସ୍ଥ୍ୟ); ଭିତ୍ତିଭୂମିର ବିକାଶ କରିବା ପାଇଁ ହେବ। ନଗଡ଼ା କେବଳ ଯାଜପୁର ଜିଲ୍ଲାର ଏକ ଅବହେଳିତ ଗାଁର କାହାଣୀ ନୁହେଁ, ଆମ ବାସ୍ତବିକତାର ଜଳଛବି; ଆମ ଅପରିଣାମଦର୍ଶିତାର ବୃତ୍ତଚିତ୍ର। ନଗଡ଼ା ଆମ ଅର୍ଥନୈତିକ ଅସୁସ୍ଥତାର ସଙ୍କେତ।

(ନିତିଦିନ, ତା ୨୯/୭/୨୦୧୬)



ବିଭିନ୍ନ ଓଡ଼ିଆ ସମ୍ବାଦପତ୍ରରେ ପ୍ରକାଶିତ ଶୈଳେନ୍ଦ୍ରଙ୍କ ଆଲେଖ୍ୟମାନ ଭିତ୍ତି କରିଛି ଅର୍ଥନୀତି, ରାଜନୀତି, ପରିବେଶ, ବିଜ୍ଞାନ, ଦର୍ଶନ ତଥା ମାନବବାଦୀ ପ୍ରସଙ୍ଗମାନଙ୍କୁ ନେଇ। ଯେଉଁ ଦୁଇଟି ବିଶେଷ କାରଣରୁ ଶୈଳେନ୍ଦ୍ରଙ୍କ ଲେଖା ପାଠକମାନଙ୍କୁ ଅଭିଭୂତ କରେ, ତାହା ହେଲା- ଶବ୍ଦ ବିନ୍ୟାସର କାରିଗରୀ ଏବଂ ବିଷୟବସ୍ତୁର ସାନ୍ଦ୍ରତା। ତାଙ୍କ ପ୍ରବନ୍ଧରେ ଭାବର ଗମ୍ଭୀରତା ସହ ରହିଥାଏ ବିଷୟକୁ କଠିନତାରୁ ମୁକ୍ତି କରିବାର ଏକ କଳାତ୍ମକ ପ୍ରୟାସ..

'ସମ୍ବାଦ'

ସରଳ, ସହଜ, ଭାବଗର୍ଭିକ ଏବଂ ଚିନ୍ତା ଉଦ୍ରେକକାରୀ

'ନିତିଦିନ'

ସାହିତ୍ୟ କହିଲେ ଆମେ କେବଳ ଗଳ୍ପ, କବିତା, ପ୍ରବନ୍ଧ ଓ ନାଟ୍ୟ ରଚନାକୁ ବୁଝି ଆସିଛୁ। ଭି ଏସ୍ ନୈପାଲ୍‌ଙ୍କ ମତରେ- ଏବେ ସାହିତ୍ୟ ତାର ବିଭାଗୀୟ ମାନ୍ୟତାକୁ ଅତିକ୍ରମ କରି ନିଜକୁ ରଚନାର ବିଶାଳ ଜଗତ ଭିତରେ ପ୍ରତିଷ୍ଠିତ କରିବା ଜରୁରୀ। ଶୈଳେନ୍ଦ୍ର ତାହାହିଁ କରି ଆସିଛନ୍ତି।

'ଇଭେଣ୍ଟ୍‌ସ୍'

ଶୈଳେନ୍ଦ୍ରଙ୍କ ଅନ୍ୟାନ୍ୟ ରଚନା

ଅସନ୍ତୁଷ୍ଟ ହେବାର ଅନୁରାଗ, ମୁଖା, ମାୟାମିରିଗ, ଏକ ଚିତ୍ରବାଘର କାହାଣୀ, ଲୋହିତ ସୂର୍ଯ୍ୟର ଦେଶ
ପାହାଡ ତଳର ଏକ ଗାଁ, ବୋଆ ସିନିଅର୍‌ଙ୍କ ଶେଷ ଗୀତ. ନିଜ ନିଜ ନିର୍ବାଣ, ନିଜ ଭିତରେ ଆକାଶ
ଗାନ୍ଧୀଙ୍କ ସହିତ କପେ କଫି, ଜୋନାଥନ୍‌ର ଦେଶ

Events Publication
4555 VSS Nagar,
Bhubaneswar- 751007
prakas.mohapatra@gmail.com
ph- 8658788994

ISBN 978-908070-1-2
978-81-908070-1-2

NONFICTION

ରଚନା
₹-୧୫୦